# Akashvani, Sambalpur

## SAMBALPURI NEWS EVENING BULLETIN

## 16 September 2024- 7.02 pm- 7.12 pm.

*********************************************

୧- ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ଭୁବ୍‌ନେଶ୍ୱର୍ ଜନ୍‌ତା ମଇଦାନ୍ ନ ସୁଭଦ୍ରା ଯୋଜ୍‌ନାର୍ କର୍‌ବେ ଶୁଭାରମ୍ଭ ।

୨- ବିଶ୍ୱ ଦକ୍ଷତା ପ୍ରତିଯୋଗିତା -୨୦୨୪ ଥି ଓଡ଼ିଶାର୍ ଅମରେଶ୍ ଆର୍ ଅଖିଳଙ୍କର ସଫଳତା ।

- ଅଭିନନ୍ଦନ୍ ଜନାଲେ ମୁଖ୍ୟମନ୍ତ୍ରୀ ଆର୍ କେନ୍ଦ୍ର ଶିକ୍ଷାମନ୍ତ୍ରୀ ।

୩- ପାଲିତ୍ ହେଲା ପୈଗମ୍ବର୍ ମହମ୍ମଦ୍‌ଙ୍କର୍ ଜୟନ୍ତୀ- ଇଦ୍ ଏ ମିଲାଦୁନ୍ ନବୀ ।

୪- ଦେବଶିଳ୍ପୀ ବିଶ୍ୱକର୍ମାଙ୍କର୍ ହେଲା ଆବାହନ୍ ।

ଆଉର୍

୫- ପଶ୍ଚିମ୍ ଓଡ଼ିଶାର୍ ସମ୍ବଲ୍‌ପୁର୍, ସୁନ୍ଦର୍‌ଗଡ୍, ବର୍‌ଗଡ୍, ଝାର୍‌ସୁଗୁଡ଼ା ଆର୍ ଦେବ୍‌ଗଡ୍ ଜିଲ୍ଲାର୍ କେତେ ଜାଗା ନ ଆଏବା କାଏଲ୍ ହେଇପାରେ ଜବର୍ ବର୍ଷା - ସତର୍କ କରାଲା ପାଣିପାଗ ବିଭାଗ୍ ।

ପ୍ରଧାନ୍‌ମନ୍ତ୍ରୀ ଓଡ଼ିଶା ଗସ୍ତ      ଆର୍‌ଏନ୍‌ୟୁ/ କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏବା କାଏଲ୍ ଭୁବ୍‌ନେଶ୍ୱର୍‌ର ଜନତା ମଇଦାନ୍ ନ ସୁଭଦ୍ରା ଯୋଜ୍‌ନାର୍ ଶୁଭାରମ୍ଭ କର୍‌ବାର୍ ସହେତେ ଗୁଟେ ଜନସଭାକେ ସମ୍ବୋଧନ୍ କର୍‌ବେ । ସୁଭଦ୍ରା ଯୋଜ୍‌ନାଥି ଯୋଗ୍ୟ ମହିଳା ହିତାଧିକାରୀମାନ୍‌କୁ ବଛର୍‌କ ୨ ଟା କିସ୍ତି ନ ୧୦ ହଜାର୍ ଟଙ୍କା ଦିଆଯିବା । ୫ ବଛର୍ ଭିତ୍‌ରେ ହିତାଧିକାରୀମାନ୍‌କର୍ ବେଙ୍କ୍ ଖାତାକେ ୫୦ ହଜାର୍ ଟଙ୍କା ସହାୟତା ରାଶି ଯିବା । ସୁଭଦ୍ରା ଯୋଜ୍‌ନାଥି ଏବ୍‌ତକ୍ ୬୦ ଲାଖ୍‌ନୁ ଅଏତ୍‌କା ହିତାଧିକାରୀ ଦର୍‌ଖାସ୍ତ କରିଥିବା ରାଜ୍ୟ ସର୍‌କାର୍‌ଙ୍କର୍ ସୂତ୍ରନୁ ଜନାପଡ଼ିଛେ ।

ସେନ୍ତା ଆଏବା କାଲିର୍ ଓଡ଼ିଶା ଗସ୍ତ ସମିଆଥି ପ୍ରଧାନ୍‌ମନ୍ତ୍ରୀ ଭୁବନେଶ୍ୱର୍‌ର ଗାଡ଼କଣ ଶବରସାହି ନ ପିଏମ୍ ଆବାସ ଯୋଜ୍‌ନା ସହରାଂଚଲ୍‌ର ହିତାଧିକାରୀମାନ୍‌କର୍ ସାଙ୍ଗେ ଭିଲ୍ ଆଲୋଚନା କର୍‌ବାର୍ କାର୍ଯ୍ୟକ୍ରମ୍ ଅଛେ । ପ୍ରଧାନ୍‌ମନ୍ତ୍ରୀ ଆବାସ ଯୋଜ୍‌ନାର୍ ହିତାଧିକାରୀମାନ୍‌କୁ କାର୍ଯ୍ୟାଦେଶ୍ ଭିଲ୍ ବାଂଟ୍‌ବେ । ଇନ ଜନେଇ ଦିଆଯାଇପାରେ ଯେ, ଜାତୀୟସ୍ତରର୍ ଇ କାର୍ଯ୍ୟକ୍ରମ୍‌ଥି ଭିନ୍ ଭିନ୍ ରାଜ୍ୟର୍ ପାଖାପାଖି ୧୦ ଲାଖ୍ ହିତାଧିକାରୀ ସାମିଲ୍ ହେଇଛନ୍ । ଇ ଯୋଜ୍‌ନାର୍ ପହେଲା କିସ୍ତି

ବାବଦ୍ ହିତାଧିକାରୀମାନ୍‌କର୍ ବେଙ୍କ୍ ଖାତାକେ ୩ ହଜାର୍ ଶହେ ୮୦ କୋଟି ଟଙ୍କା ଡିବିଟି ଜରିଏ ଦିଆଯିବା ।

ପ୍ରଧାନ୍‌ମନ୍ତ୍ରୀଙ୍କର୍ ଗସ୍ତ ଆଉ ସୁଭଦ୍ରା ଯୋଜନାର୍ ଶୁଭାରମ୍ଭ୍‌କେ ନଜର୍‌ଥି ରଖିକରି ଆଏବା କାଏଲ୍ ଭୁବନେଶ୍ୱର୍ ମହାନଗର୍ ନିଗମ୍ ଇଲାକାର୍ ସବୁ ସ୍କୁଲ୍ ଆର୍ ଉଚ୍ଚଶିକ୍ଷାନୁଷ୍ଠାନ୍‌କେ ଛୁଟି ଘୋଷ୍‌ନା କରାଯାଇଛେ । ଇତାର୍‌ସଙ୍ଗେ ସବୁ ସର୍‌କାରୀ କାର୍ଯ୍ୟାଳୟ, ରାଜସ୍ୱ ଆଉ କାର୍ଯ୍ୟନିର୍ବାହୀ ଅଦାଲତ୍ ଦିନର୍ ପହେଲା ଭାଗ୍ ଛୁଟି ରହେବା ବଲି ମୁଖ୍ୟମନ୍ତ୍ରୀଙ୍କର୍ କାର୍ଯ୍ୟାଳୟ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ପ୍ରଧାନ୍‌ମନ୍ତ୍ରୀ ଗସ୍ତ- ସୁରକ୍ଷା ବନ୍ଦୋବସ୍ତ ଆର୍‌ଏନ୍‌ୟୁ

/ସମ୍ବଲପୁର

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କର୍ ଆଏବାକାଲିର୍ ଗସ୍ତ୍‌କେ ନଜର୍‌ଥି ରଖିକରି ଭୁବ୍‌ନେଶ୍ୱର୍ ନ କମିଶନରେଟ୍ ପୁଲିସ୍ ତର୍‌ଫୁ କଡ଼ା ସୁରକ୍ଷା ବନ୍ଦୋବସ୍ତ କରାଯାଇଛେ । ସୁରକ୍ଷା ବନ୍ଦୋବସ୍ତ୍‌ଥି ୮୧ ପ୍ଲାଟୁନ୍ ପୁଲିସ୍ ଫୋର୍ସ ମୁତୟନ୍ ହେବେ । ସଖାଲର୍ ସାମେ ୭ ବଜୁ ଉପର୍‌ବେଲା ୩ ବଜାତକ୍ ଜୟଦେବ୍ ବିହାର୍ ଆର୍ ନାଲ୍‌କୋ ଛକ୍ ରାସ୍ତା ନ କଟ୍‌କନା ଲାଗୁ କରାଯାଇଛେ ।

ବନ୍ଦେ ଭାରତ୍ ଏକ୍ସପ୍ରେସ          ନୂଆପଡ଼ା ସମ୍ବାଦଦାତା

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଏଜ୍ ଅହମ୍ମଦାବାଦ୍-ଦୁର୍ଗ-ବିଶାଖାପାଟ୍‌ନମ୍ ବନ୍ଦେ ଭାରତ୍ ଏକ୍ସପ୍ରେସ୍ ଟ୍ରେନ୍‌ର ଶୁଭାରମ୍ଭ କରିଛନ୍ । ଇ ଟ୍ରେନ୍ ଓଡ଼ିଶାର୍ ଭିନ୍ ଭିନ୍ ଷ୍ଟେସନ୍ ଦେଇକରି ଯାଉଥିବାର୍ ବେଲେ ନୂଆପଡ଼ା ଜିଲ୍ଲା ଖରିଆର୍ ରୋଡ୍ ରେଲ୍‌ଷ୍ଟେସନ୍ ନ ଗୁଟେ କାର୍ଯ୍ୟକ୍ରମ୍ ହେଇଥିଲା । ସେଥି କଲାହାଣ୍ଡି ସାଂସଦ୍ ମାଳବିକା ଦେବୀ ମୁଖ୍ୟଅତିଥି ଭାବେ ଯୋଗ୍ ଦେଇଥିଲେ ।

ବିଶ୍ୱ ଦକ୍ଷତା ପ୍ରତିଯୋଗିତା-ଅଭିନନ୍ଦନ

ହି.ସ./ସୂଚନା ଲୋକସମ୍ପର୍କ ବିଭାଗ୍

ଫ୍ରାନ୍ସର ଲିଅନ୍ ସହର୍‌ଥି ହେଇଥିବା ବିଶ୍ୱ ଦକ୍ଷତା ପ୍ରତିଯୋଗିତା - ୨୦୨୪ ନ ଓଡ଼ିଶାର୍ ପ୍ରତିନିଧିତ୍ୱ କରୁଥିବା ଭୁବ୍‌ନେଶ୍ୱର୍ ସେଂଟ୍ରାଲ୍ ଟୁଲ୍ ରୁମ୍ ଏଣ୍ଡ ଟ୍ରେନିଂ ସେଂଟର୍‌ର ଛାତ୍ର ଅମରେଶ୍ କୁମାର୍ ସାହୁ ଆଉ ସି.ଭି. ରମଣ୍ ଗ୍ଲୋବାଲ୍ ୟୁନିଭର୍‌ସିଟିର୍ ଛାତ୍ର ଗେଡ଼େଲା ଅଖିଲ୍ ସଫଲତା ପାଇଥିବାର୍‌ନୁ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଦୁହିଙ୍କୁ ଅଭିନନ୍ଦନ୍ ଜନେଇଛନ୍ । ଅମରେଶ୍ ଆର୍ ଅଖିଲଙ୍କର୍ ସଫଲ୍‌ତା ଓଡ଼ିଶାର୍ ଲାଗି ଗୌରବ୍‌ର କଥା ଆଏ ବଲି

ମୁଖ୍ୟମନ୍ତ୍ରୀ ତାଙ୍କର୍ ବାର୍ତାଥି କହିଛନ୍ । ସେନ୍ତା କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍ ଭିଲ୍ ଅମରେଶ୍ ଆର୍ ଅଖିଲଙ୍କୁ ଶୁଭେଚ୍ଛା ଜନାବାର୍ ସଙ୍ଗେ ସେମାନ୍‌କର୍ ଉଜଲ୍ ଭବିଷ୍ୟତ୍ କାମନା କରିଛନ୍ । ଇନ ଜନେଇ ଦିଆଯାଇପାରେ ଯେ, ଅମରେଶ୍ ପଶ୍ଚିମ ଓଡ଼ିଶାର୍ ଦେବ୍‌ଗଡ଼୍ ଜିଲ୍ଲାର୍ ବାସିନ୍ଦା ଆନ୍ ।

## ମହମ୍ମଦ୍ ଜୟନ୍ତୀ

ସମ୍ବଲପୁର/ ବର୍‌ଗଡ଼୍/ ବୌଦ୍ଧ/ ସୁବର୍ଣ୍ଣପୁର୍

ଇସ୍‌ଲାମ୍ ଧର୍ମର୍ ପ୍ରବର୍ତକ୍ ପୈଗମ୍ବର୍ ହଜ୍‌ରତ୍ ମହମ୍ମଦ୍‌ଙ୍କର୍ ଆଏଜ୍ ହେଉଛେ ଜନମ୍‌ଦିନ୍ । ଇ ଦିନ୍‌କେ ଇସ୍‌ଲାମ୍ ଧରମ୍‌କେ ମାନୁଥିବା ଲୁକ୍‌କର୍ ଲାଗି ଆଝିର୍ ଦିନ୍‌ଟା ଖୋବ୍ ପବିତ୍ର । ସେମାନେ ଆଏଜ୍ ଇଦ୍-ଏ-ମିଲାଦୁନ୍‌ନବୀ ପାଲନ୍ କରୁଛନ୍ । ଇ ଅବ୍‌ସରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଦେଶର୍ ନାଗରିକ୍‌ମାନ୍‌କୁ ଖାସ୍ କରି ମୁସଲ୍‌ମାନ୍ ସମ୍ପ୍ରଦାୟର୍ ସମ୍‌କୁ ଶୁଭେଚ୍ଛା ଜନେଇଛନ୍ । ରାଷ୍ଟ୍ରପତି ତାଙ୍କର୍ ବାର୍ତାଥି ପୈଗମ୍ବର୍ ମହମ୍ମଦ୍ ସମାଜ୍‌ଥି ସମାନତା, ସଦ୍‌ଭାବ ଉପ୍‌ରେ ଜୋର୍ ଦେଇଛନ୍ ବଲି ରାଷ୍ଟ୍ରପତି କହିଛନ୍ । ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କର୍ ଶୁଭେଚ୍ଛା ବାର୍ତାଥି ସବୁକୁତି ଆନନ୍ଦ ଆର୍ ସମୃଦ୍ଧି କାମନା କରିଛନ୍ । ସେନ୍ତା ରାଜ୍ୟପାଲ୍ ରଘୁବର୍ ଦାସ ଆଉ

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଭିଲ୍ ମୁସଲ୍ମାନ୍ ଭାଏ ବହେନ୍‌ଙ୍କୁ ଶୁଭେଚ୍ଛା ଆଉ ଅଭିନନ୍ଦନ୍ ଜନାବାର୍ ସଙ୍ଗେ ସେମାନ୍‌କର୍ ସୁଖ ଶାନ୍ତି ଆଉ ସମୃଦ୍ଧି କାମନା କରିଛନ୍ ।

ସମ୍ବଲ୍‌ପୁର୍ ନ ଖୋବ୍ ଉସ୍‌ନାକିଥି ମିଲାଦୁନ୍‌ନବୀ ପାଲିତ୍ ହେଇଯାଇଛେ । ସହରର୍ ଠାନ୍ ଠାନ୍ ଖୋବ୍ ସୁନ୍ଦର୍ ସାଜ୍‌ସଜା କରାଯାଇଛେ । ବର୍‌ଗଡ୍ ନ ସୁନୀବରେଲି ମୁସ୍‌ଲିମ୍ ସମାଜ୍ ତରଫୁ ଗୁଟେ ଶୋଭଯାତ୍ରା ବାହାରିଥିଲା । ବୌଦ୍ଧ ନ ମୁସ୍‌ଲିମ୍ ସମ୍ପ୍ରଦାୟର୍ ଗୁଟେ ଶୋଭାଯାତ୍ରା ବାହାରିଥିଲା ।

ସେନ୍ତା ବୌଦ୍ଧ ଆର୍ ମନମୁଣ୍ଡା ମସ୍‌ଜିଦ୍ ନ ନମାଜ୍ ପାଠ୍ ସାଙ୍ଗେ ପବିତ୍ର କୋରାନ୍ ଉପ୍‌ରେ ପ୍ରବଚନ୍ ହେଇଥିଲା । ସୁବର୍ଣ୍ଣପୁର୍ ଜିଲ୍ଲା ସଦର୍ ମହକୁମା ସହେତେ ବୀର୍‌ମହାରାଜ୍‌ପୁର୍, ବିନ୍‌କା, ତର୍‌ଭା ଆର୍ ନାରାୟଣ୍‌ପୁର୍ ନ ପୈଗମ୍ବର୍ ମହମ୍ମଦ୍‌ଙ୍କର୍ ଜୟନ୍ତୀ ପାଲିତ୍ ହେଇଯାଇଛେ । ସୁବର୍ଣ୍ଣପୁର୍‌ର ମଝିପଡ଼ାର୍ ମୁସ୍‌ଲିମ୍ ସମ୍ପ୍ରଦାୟ ତର୍‌ଫୁ 'ଜସ୍‌ନେ ଇଦ୍ ମିଲାଦୁନ୍ ନବୀ' ଅବ୍‌ସରେ ଜୁଲୁସ୍ ବାହାରିଥିଲା ।

ବିଶ୍ୱକର୍ମା ପୂଜା ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ହେଉଛେ ବିଶ୍ୱକର୍ମା ପୂଜା । ଦେବଶିଳ୍ପୀ ଶ୍ରୀବିଶ୍ୱକର୍ମାଙ୍କୁ ଆବାହନ୍ କରିକରି ଆଏଜ୍ ଦେଶର୍ ସବୁ କାରିଗରି ଆର୍ ଇଞ୍ଜିନିୟରିଂ ସଂସ୍ଥା, ଶିକ୍ଷାନୁଷ୍ଠାନ୍ ଆଉ

କଲ୍‌କାର୍‌ଖାନାମାନ୍‌କେ ବିଶ୍ୱକର୍ମାଙ୍କର୍ ପୂଜା କରାଯାଉଛେ । ଘର୍‌ମାନ୍‌କେ ଆଏଜ୍ ଗାଡ଼ିମଟର୍ ଆଉ ବେଭାର୍ ହେଉଥିବାର୍ ଛୋଟ୍ ବଡ଼ ମିସିନ୍ ମାନ୍‌କୁ ପୂଜା କରାଯାଇଛେ । ଶିଳ୍ପ ସହର୍ ହୀରାକୁଦ୍, ରେଙ୍ଗାଲି, ଝାର୍‌ସୁଗୁଡ଼ା, ବ୍ରଜରାଜନଗର୍, ରାଉର୍‌କେଲା, ବେଲପାହାଡ଼୍, ରାଜ୍‌ଗାଙ୍ଗ୍‌ପୁର୍, ଲାଞ୍ଜିଗଡ଼୍ ସହେତେ ପଶ୍ଚିମ ଓଡ଼ିଶାର୍ ସବୁ ସହର୍ ଆର୍ ଗାଁ ଇଲାକା ନ ବିଶ୍ୱକର୍ମା ପୂଜାର୍ ଆୟୋଜନ୍ କରାଯାଇଛେ ।

ଓଜୋନ୍ ଦିବସ୍ ଆର୍‌ଏନ୍‌ୟୁ କଟକ୍

ଆଏଜ୍ ହେଉଛେ ବିଶ୍ୱ ଓଜୋନ୍ ଦିବସ୍ । ବାୟୁମଣ୍ଡଲ୍‌ର ଓଜୋନ୍ ସ୍ତର ନ ନୁକ୍‌ସାନ୍ ମୁନୁଷ୍ ଜାତିର୍ ଲାଗି କେନ୍ତା କ୍ଷତିକାରକ୍ ଆଏ ସେ ବିଷେ ଲୋକ୍‌ମାନ୍‌କୁ ସଚେତନ୍ କର୍‌ବାର୍‌କେ ୧୯୯୪ ମସିହା ନୁ ମିଲିତ୍ ଜାତିସଂଘ ତର୍‌ଫୁ ସେପ୍ଟେମ୍ବର୍ ୧୬ ତାରିଖ୍‌କେ ବିଶ୍ୱ ଓଜୋନ୍ ଦିବସ୍ ଭାବେ ପାଲନ୍ କରାଯାଉଛେ । ଶିଳ୍ପାୟନ ଆଉ ଆଧୁନିକୀକରଣ୍ ଲାଗି ବାୟୁମଣ୍ଡଲ୍‌ଥି ସୃଷ୍ଟି ହେଉଥିବା ଭିନ୍ ଭିନ୍ ବିଷାକ୍ତ ଗେସ୍ ଓଜୋନ୍ ସ୍ତର ନ ନୁକ୍‌ସାନ୍ କରୁଥିବାର୍‌ନୁ ସୂର୍ଯ୍ୟଙ୍କର୍ ଅତିବାଇଗଣି ରଶ୍ମୀ ଓଜୋନ୍‌ସ୍ତର ଭେଦିକରି ପୁର୍‌ଥି ଉପ୍‌ରେ ସିଧାସଲଖ୍ ପଡ଼ିକରି ସଙ୍କଟ୍ ସୃଷ୍ଟି କରିଛେ ।

ହେତାର୍ ପ୍ରତିକାର୍ ଲାଗି ପ୍ରକୃତି ଅନୁକୂଳ ଜୀବନ୍‌ଶୈଲୀ ଅପ୍‌ନାବାର୍ ଉପ୍‌ରେ ଜୋର୍ ଦିଆଯାଉଛେ ।

ବୌଦ୍ଧ -ଦୁର୍ଘଟଣା          ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାର୍ ବୁରକଟା ଛକ୍ ପାଖେ ଆଏଜ୍ ପହପହନୁ ଗୁଟେ ବୋଲେରୋ ପିକ୍‌ଅପ୍ ଗଛେ ପିଟିହେଇକରି ଦୁର୍ଘଟଣାଗସ୍ତ ହେବାର୍‌ନୁ ୯ ଝନ୍ ଆହତ୍ ହେଇଛନ୍ । ସେମାନ୍‌କର୍ ଭିତ୍‌ରୁ ଅବସ୍ଥା ଗୁରୁତର୍ ଥିବା ୩ ଝନ୍‌କୁ ବୁର୍ଲା ଭିମ୍‌ସାର୍ ଡାକ୍ତର୍‌ଖାନାକେ ପଠାଯାଇଛେ ।

ରକ୍ତକର୍କଟ ରୋଗୀଙ୍କ ଚିକିତ୍ସା ସଫଳତା   ଆର୍‌ଏନ୍‌ୟୁ/ କଟକ୍

କଟକ୍ ଶ୍ରୀରାମଚନ୍ଦ୍ରଭଞ୍ଜ ମେଡ଼ିକାଲ୍ କଲେଜ୍ ଡାକ୍ତର୍‌ଖାନା ନ ଶହେ ୬୦ ଝନ୍ ରକ୍ତକର୍କଟ ରୋଗୀଙ୍କର୍ ଚିକିତ୍ସାଥି ଅସ୍ଥିମଜ୍ଜା ପ୍ରତ୍ୟାରୋପଣ୍ କରାଯାଇକରି ନୂଆଁ କିର୍ତିମାନ୍ ହେଇଛେ । ଅନୁଷ୍ଠାନ୍‌ର ହେମାଟୋଲୋଜି ବିଭାଗ୍‌ର ପ୍ରଫେସର୍ ରବୀନ୍ଦ୍ର କୁମାର୍ ଜେନା କହିଛନ୍ ଯେ, ୨୦୧୪ ମସିହା ଫେବୃଆରୀ ୨୪ ତାରିଖ୍ ଦିନ ହେମାଟୋଲୋଜି ବିଭାଗ୍‌ଥି ଅସ୍ଥିମଜ୍ଜା ପ୍ରତିରୋପଣ୍ ୟୁନିଟ୍ ମୁଲ୍ ହେଇଥିଲା । ପହେଲା କରି ୨୦୧୪ ମସିହା ଏପ୍ରିଲ୍ ୨୩ ତାରିଖ୍ ଦିନ ସଫଳତାର୍

ସହେତେ ଅସ୍ଥିମଜ୍ଜା ପ୍ରତ୍ୟାରୋପଣ୍ କରାଯାଇଥିଲା । ଏବ୍‌ତକ୍ ଅସ୍ଥିମଜ୍ଜା ପ୍ରତିରୋପଣ୍ କରାଯାଇଥିବା ଶହେ ୬୦ ଝନ୍ ରୋଗୀଙ୍କର୍ ଭିତ୍‌ରୁ ୮୭ ଝନ୍ ପ୍ରତିଶତ୍ ରୋଗୀ ସୁସ୍ଥ ଜୀବନ୍ ଯାପନ୍ କରିଛନ୍ ବଲି ପ୍ରଫେସର୍ ଜେନା କହିଛନ୍ ।

ବିକାଶ୍ ମେଲା       ବୌଦ୍ଧ ସମ୍ବାଦଦାତା

ବୌଦ୍ଧ କଚ୍‌ରୀ ପଡ଼ିଆ ନ ଆଏବା ୨୧ ନୁ ୨୩ ତାରିଖ୍‌ତକ୍ ବିକାଶ୍ ମେଲା ହେବା । ୨୧ ତାରିଖ୍ ଦିନ ମତ୍ସ୍ୟ ଆଉ ପ୍ରାଣୀ ସମ୍ପଦ୍ ବିକାଶ୍ ଆଉ ସୂକ୍ଷ୍ମ, କ୍ଷୁଦ୍ର, ମଧମ୍ ଉଦ୍ୟୋଗ୍ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ୍ ମେଲାର୍ ଉଦ୍‌ଘାଟନ୍ କର୍‌ବେ । ହେଥିର୍‌ଲାଗି ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡାଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ପ୍ରସ୍ତୁତି ବୈଠକ୍‌ଥି ଓର୍‌ମାସ୍ ତର୍‌ଫୁ ୨୫ ଟା ଷ୍ଟଲ୍ ସାଙ୍ଗେ ବାକି ସର୍‌କାରୀ ବିଭାଗ୍ ମାନ୍‌କର୍ ତର୍‌ଫୁ ଷ୍ଟଲ୍ ଖୁଲାଯିବାର୍‌କେ ନିଷ୍ପତି ହେଇଛେ ।

ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ୍          ଆର୍‌ଏନ୍‌ୟୁ / ସମ୍ବଲପୁର

ରାଜ୍ୟ ସର୍‌କାର୍‌ଙ୍କର୍ ତର୍‌ଫୁ ମୁଲ୍ ହେଇଥିବା ନିପୁଣ ଓଡ଼ିଶା କାର୍ଯ୍ୟକ୍ରମ୍ ଆଏବାକାଏଲ୍ ଜିଲ୍ଲାସ୍ତର୍ ନ ମୁଲ୍ ହେବା । ଜିଲ୍ଲାପାଲ୍‌ମାନେ ଇତାର୍ ଶୁଭାରମ୍ଭ କର୍‌ବେ । ସେନ୍ତା

ଆଏବା ୧୯ ତାରିଖ୍‌ନୁ ୨୧ ତାରିକ୍‌ତକ୍ ଜିଲ୍ଲା ଶିକ୍ଷା ଅଧିକାରୀଙ୍କର୍ ତର୍‌ଫୁ ଜିଲ୍ଲାସ୍ତର୍ ନ ପାଲନ୍ ହେବା । ୨୪ ତାରିଖ୍‌ନୁ ୨୭ ତାରିଖ୍‌ତକ୍ ବ୍ଲକ୍ ଶିକ୍ଷା ଅଧିକାରୀ ଆଉ ୨୬ ନୁ ୨୭ ତାରିଖ୍ ଜିଲ୍ଲା ପରିଷଦ୍ ଅଧ୍ୟକ୍ଷଙ୍କର୍ ତର୍‌ଫୁ ଇ କାର୍ଯ୍ୟକ୍ରମ୍ ଆୟୋଜନ୍ କରାଯିବା ।

ପାଣିପାଗ- ସମୀକ୍ଷା ଆର୍‌ଏନ୍‌ୟୁ/ ସମ୍ବଲପୁର

ବାଲେଶ୍ୱର୍, ମୟୁର୍‌ଭଞ୍ଜ ଆର୍ ସୁନ୍ଦର୍‌ଗଡ୍ ଜିଲ୍ଲା ନ ଆଏଜ୍ ବନିହାଁ ବର୍ଷା ହେଇକରି ବଢ଼ି ଥିତି ହେଇଥିବାର୍‌ନୁ ସ୍ୱତନ୍ତ୍ର ରିଲିଫ୍ କମିଶନର୍ ଡି.କେ. ସିଂ ସମୀକ୍ଷା ବୈଠକ୍ କରିଛନ୍ । ତିନ୍‌ହି ଜିଲ୍ଲାର୍ ଜିଲ୍ଲାପାଲ୍ ଭର୍ଚ୍ୟୁଆଲ୍ ଜରିଏ ବୈଠକ୍‌ଥି ସାମିଲ୍ ହେଇଥିବାର୍ ବେଲେ ତଲି ଅଂଚଲେ ରହୁଥିବା ଲୁକ୍‌କୁ ସୁରକ୍ଷିତ୍ ଜାଗାକେ ନେବାର୍ ଲାଗି ରିଲିଫ୍ କମିଶନର୍ ନିର୍ଦ୍ଦେଶ୍ ଦେଇଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପ୍‌ସାଗର୍ ନ ସୃଷ୍ଟି ହେଇଥିବା ଅବପାତ ପଶ୍ଚିମ ଉତର୍ ପଶ୍ଚିମ ଦିଗେ ଗତି କରୁଛେ । ଇତାର୍‌ପ୍ରଭାବ୍‌ଥି ଆଏବା କାଏଲ୍ ପଶ୍ଚିମ ଓଡ଼ିଶାର୍ ସମ୍ବଲ୍‌ପୁର୍, ସୁନ୍ଦର୍‌ଗଡ୍,

ଦେବ୍‌ଗଡ଼୍, ଝାର୍‌ସୁଗୁଡ଼ା ଆର୍ ବର୍‌ଗଡ଼୍ ଜିଲ୍ଲାର୍ ଗୁଟେ ଜୁଡ଼େ ଜାଗା ନ ଜବର୍ ବର୍ଷା ହେଇପାରେ । ଇତାକେ ନେଇକରି ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ ତର୍‌ଫୁ ସତର୍କ କରାଯାଇଛେ ।